# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30th March - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ।

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ।

— ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପାଇଁ ନିଷ୍ପତ୍ତି ।

ଏବଂ

- ରାଜ୍ୟର ସମସ୍ତ ୧୫୩ଟି ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ; ଜାରି ରହିଛି ଭୋଟଗଣତି ।

# ଭାରତରତ୍ନ ସମ୍ମାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆୟୋଜିତ ଭବ୍ୟ ସମାରୋହରେ ୫ ଜଣ ସୁନାମଧନ୍ୟ ବ୍ୟକ୍ତିବିଶେଷଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ସମ୍ମାନରେ ସମ୍ମାନିତ କରିଛନ୍ତି। ମରଣୋତ୍ତର ଭାବେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ଏବଂ ପି. ଭି. ନରସିଂହା ରାଓଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିଭଳି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଏବଂ ସବୁଜ ବିପ୍ଲବର କର୍ଣ୍ଣଧାର ତଥା ବିଶିଷ୍ଟ କୃଷି ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କୁ ମଧ୍ୟ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି।

ରାଷ୍ଟ୍ରପତି ଭବନର ଦରବାର ହଲରେ ଆୟୋଜିତ ସମାରୋହରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହା ରାଓଙ୍କ ପକ୍ଷରୁ ତାଙ୍କ ପୁଅ ପି.ଭି. ପ୍ରଭାକର ରାଓ, ଚୌଧୁରୀ ଚରଣ ସିଂହଙ୍କ ପକ୍ଷରୁ ତାଙ୍କ ନାତି ଜୟନ୍ତ ଚୌଧୁରୀ ଭାରତରନ୍ ଗ୍ରହଣ କରିଥିଲେ ।

କୃଷି ବୈଜ୍ଞାନିକ ଡକ୍ଟର ଏମ.ଏସ୍. ସ୍ୱାମୀନାଥନ୍‌ଙ୍କ ପକ୍ଷରୁ ତାଙ୍କ ଝିଅ ଡକ୍ଟର ନିତ୍ୟା ରାଓ ଏବଂ କର୍ପୁରୀ ଠାକୁରଙ୍କ ପକ୍ଷରୁ ତାଙ୍କ ପୁଅ ରାମନାଥ ଠାକୁର ଭାରତରନ୍ ଗ୍ରହଣ କରିଥିଲେ।

ଏମାନଙ୍କ ବ୍ୟତୀତ ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ୍‌ୱାନୀଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯିବ। ଶ୍ରୀ ଆଡଭାନୀ ଅସୁସ୍ଥ ଥିବାରୁ ଆସନ୍ତାକାଲି ତାଙ୍କ ବାସଭବନରେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କିଛି ବରିଷ୍ଠ ନେତାଙ୍କ ଉପସ୍ଥିତିରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି।

ଏହି ସମ୍ମାନ ପ୍ରଦାନ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

*Desk*

# ରଥଯାତ୍ରା ବୈଠକ

ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ ନେଇ ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ମହାପ୍ରଭୁଙ୍କ ରଥଯାତ୍ରାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବିଭିନ୍ନ ବିଭାଗକୁ ଦିଆଯାଇଥିବା ଦାୟିତ୍ୱକୁ ଅଗ୍ରାଧିକାର ଭିତ୍ତିରେ ସମ୍ପନ୍ନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅକ୍ଷୟ ତୃତୀୟାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି, ରଥକାଠ, ତୀର୍ଥ ପୁଷ୍କରିଣୀ ସଫେଇ, ରଥ ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, ରାସ୍ତା ଘାଟ ମରାମତି, ପାର୍କିଂ ସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ

କାର୍ଯ୍ୟକ୍ରମର ଆୟୋଜନ ଓ ସ୍ୱେଚ୍ଛାସେବୀ ନିୟୋଜନ ଆଦି ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ରଥଯାତ୍ରାପାଇଁ ଆଇନ ଶୃଙ୍ଖଳା ରକ୍ଷାର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟର ସଫଳତାପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅସୁରକ୍ଷିତ ଅଟ୍ଟାଳିକାର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥାର ସମୀକ୍ଷାକୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ସେ ପରାମର୍ଶ ଦେଇଥିଲେ । ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ରଥଯାତ୍ରାର ସଫଳ ଆୟୋଜନପାଇଁ ବିଭିନ୍ନ ପରାମର୍ଶ ଦେବା ସହ ପରିକ୍ରମା ପ୍ରକଳ୍ପ ପରେ ଏହା ପ୍ରଥମ ରଥଯାତ୍ରା ହୋଇଥିବାରୁ ବ୍ୟାପକ ଜନଗହଳିର ସମ୍ଭାବନାକୁ ଦୃଷ୍ଟିରେ ରଖି ବ୍ୟବସ୍ଥା ଓ ପ୍ରସ୍ତୁତି ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳଙ୍କ ସମେତ  ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଚଳିତ ବର୍ଷ ରଥଯାତ୍ରା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୨୨ ତାରିଖରେ ଅନୁଷ୍ଠିତ ହେବ ।

***Desk***

# ଏସ୍.ଆର୍.ସି. ବୈଠକ

ରାଜ୍ୟରେ କ୍ରମାଗତ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ

ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ଗ୍ରୀଷ୍ମଋତୁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବାପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା । ଏତଦ୍‌ବ୍ୟତୀତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେରେ ଦିନ ସମୟରେ ବାସହୀନ ଲୋକମାନଙ୍କପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା, ଜଳଭଣ୍ଡାରଗୁଡ଼ିକରୁ କେନାଲ ମାଧ୍ୟମରେ ଜଳଯୋଗାଣ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ସକାଳୁଆ କରାଯିବା ନେଇ ନିଷ୍ପତ୍ତି, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଜୀବନରକ୍ଷାକାରୀ ଔଷଧ ମହଜୁଦ ରଖିବା, ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ତଥା ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଗ୍ରୀଷ୍ମପ୍ରବାହ କାରଣରୁ ଜୀବନହାନି ରୋକିବାପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବାପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

***Desk, Nuapada, Boudh, Cuttack/R***

## ବାର୍ ଆସୋସିଏସନ୍ ନିର୍ବାଚନ

ରାଜ୍ୟର ସମସ୍ତ ୧୫୩ଟି ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଆଜି ଆରମ୍ଭ ହୋଇଛି । ଭୋଟ୍‌ଗ୍ରହଣ ପ୍ରକ୍ରିୟା ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିଥିଲା । ବର୍ତ୍ତମାନ ଭୋଟ୍ ଗଣତି ଜାରି ରହିଛି । ଗଣତି ପରେ ଫଳାଫଳ ପ୍ରକାଶ କରାଯିବ । ଚଳିତ ବର୍ଷ ପ୍ରାୟ ୪୦ ହଜାର

ଆଇନଜୀବୀ ଏହି ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି । ସେମାନେ ସଭାପତି, ଉପସଭାପତି ଏବଂ ଭାରତୀୟ ବାର୍ କାଉନ୍‌ସିଲ୍‌ର ପ୍ରତିନିଧିଙ୍କୁ ନିର୍ବାଚିତ କରିବେ । ୨୦୧୫ ମସିହାରେ ସୁପ୍ରିମ୍‌କୋର୍ଟଙ୍କ 'ଗୋଟିଏ ବାର୍, ଗୋଟିଏ ଭୋଟ୍' ନିୟମାବଳୀ ଅନୁସାରେ ନିର୍ବାଚନ ଅନୁଷ୍ଠିତ ହୋଇଛି ।

ଚଳିତ ଥର ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍‌ରେ ମୋଟ୍ ଭୋଟର୍ ସଂଖ୍ୟା ୪ ହଜାର ୪୪୧ ଥିବାବେଳେ ଆଜି ୩ ହଜାର ୧୨୮ ଜଣ ସେମାନଙ୍କର ମତଦାନ ସାବ୍ୟସ୍ତ କରିଛନ୍ତି ।

ସେହିପରି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଓକିଲ ସଂଘ ନିର୍ବାଚନରେ ସଂଘ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି । ସେଠାରେ ସଭାପତି ଭାବେ ଗୋବର୍ଦ୍ଧନ ସୁନା ଓ ସମ୍ପାଦକ ଭାବେ କିଶୋର ବାଗ୍ ନିର୍ବାଚିତ ହୋଇଛନ୍ତି ।

ବୌଦ୍ଧ ଜିଲ୍ଲା ଦେୱାନୀ ଓ ଫୌଜଦାରି ଅଦାଲତ ଓକିଲ ସଂଘର ନିର୍ବାଚନ ଫଳାଫଳ ଘୋଷଣା କରାଯାଇଥିବାର ଆମ ସମ୍ବାଦଦାତା ଜଣାଇଛନ୍ତି । ସଂଘର ନୂତନ ସଭାପତି ଭାବେ ଶାନ୍ତନୁ କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଭାବେ ନିକୁଞ୍ଜ ମାଧବ ବେହେରା ନିର୍ବାଚିତ ହୋଇଛନ୍ତି ।

ଅନ୍ୟ ସମସ୍ତ ସଂଘର ଭୋଟ୍ ଗଣତି ଜାରି ରହିଥିବା ନେଇ ଖବରମାନ ଆମର ହସ୍ତଗତ ହେବାରେ ଲାଗିଛି ।

*Desk*

# ଜନଶୁଣାଣି ପୋର୍ଟାଲ୍

ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ପାଇଁ ଲୋକମାନେ ଜନଶୁଣାଣି ପୋର୍ଟାଲ୍ ଜରିଆରେ ଅଭିଯୋଗ କରିପାରିବେ । ନିର୍ବାଚନ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବାରୁ ଏହି ସମୟରେ ଜନଶୁଣାଣି ପୋର୍ଟାଲ୍ ଜରିଆରେ ଆସୁଥିବା ମାମଲାଗୁଡ଼ିକର ସମାଧାନ କରାଯିବ । ଏହି ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗ କିମ୍ବା ଅଧିକୃତ କର୍ତ୍ତୃପକ୍ଷ ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗର ସଚିବ, ପୁଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର ଲେଖିଛନ୍ତି ।

*Desk*

# ଉତ୍କଳ ଦିବସ

ଚଳିତ ବର୍ଷ ନିର୍ବାଚନ ଆଦର୍ଶ ଆଚରଣ ବିଧି ମଧ୍ୟରେ ଉତ୍କଳ ଦିବସ ପାଳନ କରାଯିବ । ଏଥିପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ କୌଣସି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ

ଆମନ୍ତ୍ରଣ କରାଯିବ ନାହିଁ । ଏଥିରେ ସରକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଏବଂ ଦଳୀୟ ଚିହ୍ନ ମଧ୍ୟ ବ୍ୟବହାର କରାଯିବ ନାହିଁ । ଏହି ଅବସରରେ କୌଣସି ଶୋଭାଯାତ୍ରା, ରାଜନୈତିକ ଭାଷଣ ବା ପ୍ରଚାର ସହ ମାନପତ୍ର ଓ ଫଳକ ଆଦି ପ୍ରଦାନ ନ କରିବାକୁ ନିଷ୍ପତ୍ତି ନିଆଯାଇଛି ।

***Boudh/R***

# ଶିକ୍ଷକ ଦକ୍ଷତା ବୃଦ୍ଧି ତାଲିମ୍

ବୌଦ୍ଧ ଜିଲ୍ଲା ବୀରସରସିଂହପୁର ନର୍ସରୀଠାରେ ଆଜି ବନ ବିଭାଗ ପକ୍ଷରୁ ଶିକ୍ଷକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଛି । ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ଅଧ୍ୟକ୍ଷତାରେ ତାଲିମ ଶିବିରରେ ବିଶେଷଜ୍ଞମାନେ ଇକୋ କ୍ଲବ୍‌ର ଶିକ୍ଷକମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରିଥିଲେ । ଶିବିରରେ ସରକାରଙ୍କ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ବୁନ୍ଦା ଜଳସେଚନ ମାଧ୍ୟମରେ ଜଳ ସଂରକ୍ଷଣ ନେଇ ବିଶେଷଜ୍ଞମାନେ ତାଲିମ ଦେଇଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୫୦ରୁ ଅଧିକ ଶିକ୍ଷକ ଯୋଗ ଦେଇଥିଲେ ।

*Desk*

# ଶିମିଳିପାଳ - ଶିକାରି ଗିରଫ

ଜାତୀୟ ଅଭୟାରଣ୍ୟ ଶିମିଳିପାଳକୁ ଶିକାର ପାଇଁ ଯାଇଥିବା ୯ ଜଣ ଶିକାରିଙ୍କୁ ବନ ବିଭାଗ ପକ୍ଷରୁ ଚଢ଼଼ଉ କରାଯାଇ ଗିରଫ କରାଯାଇଛି । ଏଥିସହ ସେମାନଙ୍କ ନିକଟରୁ ୯ଟି ଦେଶୀ ବନ୍ଧୁକ ଜବତ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ ସଂରକ୍ଷକ ଡକ୍ଟର ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି । ଗତକାଲି ରାତିରେ ଶିମିଳିପାଳ ଜେନାବିଲ ରେଞ୍ଜ୍ ଅଞ୍ଚଳରେ ଉଦଳା ଥାନା ଅନ୍ତର୍ଗତ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଶିକାରି ଶିମିଳପାଳ ଭିତରକୁ ଶିକାର ଉଦ୍ଦେଶ୍ୟରେ ପଶିଥିବାର ଖବର ପାଇଁ ବନ ବିଭାଗ ପକ୍ଷରୁ ଚଢ଼଼ଉ କରାଯାଇଥିଲା ।

*Met. O.*

# ପାଣିପାଗ

ରାଜ୍ୟରେ କ୍ରମାଗତ ୩ ଦିନ ହେବ ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତାକାଲି ସକାଳ ସାଢ଼େ ୮ଟା ମଧ୍ୟରେ ଝାରସୁଗୁଡ଼ା, ବରଗଡ଼

ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ନୂଆପଡ଼ା, ବଲାଙ୍ଗିର, ସୁବର୍ଣ୍ଣପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଗତକାଲି ୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ରହିଥିବାବେଳେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

*****